# REGIONAL NEWS UNIT, AIR CUTTACK

## Mid-day Bulletin (2.32PM)

**21 September - 2024**

**News Editor : Tapan Kumar Maharana**

**********************************

## ମୁଖ୍ୟ ସମ୍ବାଦ

- ଶ୍ରୀମନ୍ଦିର ରତ୍ନଭଣ୍ଡାରର ବୈଷୟିକ ସର୍ବେକ୍ଷଣ କାମ ଆରମ୍ଭ

– ଅପରାହ୍ନ ୨ଟାରୁ ୬ଟା ପର୍ଯ୍ୟନ୍ତ ଶ୍ରୀଜୀଉଙ୍କର ସର୍ବସାଧାରଣ ଦର୍ଶନ ରହିଛି ବନ୍ଦ

- କେନ୍ଦୁଝର ଜିଲ୍ଲାର ବିକାଶ ପାଇଁ ସରକାର ସମସ୍ତ ପ୍ରକାର ଚେଷ୍ଟା କରିବେ କହିଲେ ମୁଖ୍ୟମନ୍ତ୍ରୀ

- ରାଜ୍ୟର ୬୫୦ଟି ଉଚ୍ଚଶିକ୍ଷା ଅନୁଷ୍ଠାନରେ ଆତ୍ମସୁରକ୍ଷା କ୍ଲବ ପ୍ରତିଷ୍ଠା ପାଇଁ ନିଷ୍ପତ୍ତି

ଏବଂ

- ବଙ୍ଗୋପସାଗରରେ ଆସନ୍ତା ସୋମବାର ଦିନ ଏକ ଲଘୁଚାପ କ୍ଷେତ୍ର ସୃଷ୍ଟିର ସମ୍ଭାବନା- ସୂଚନା ଦେଲା ପାଣିପାଗ ବିଭାଗ

## ଶ୍ରୀମନ୍ଦିର-ରତ୍ନଭଣ୍ଡାର ସର୍ଭେ

ଭାରତୀୟ ପ୍ରତ୍ନତାତ୍ତ୍ୱିକ ସର୍ବେକ୍ଷଣ ସଂସ୍ଥା-ଏ.ଏସ୍.ଆଇ ପକ୍ଷରୁ ଆଜିଠାରୁ ଶ୍ରୀମନ୍ଦିର ରତ୍ନଭଣ୍ଡାରର ବୈଷୟିକ ସର୍ବେକ୍ଷଣ ଆରମ୍ଭ ହୋଇଛି । ପ୍ରତ୍ନତତ୍ତ୍ୱ ବିଭାଗର ତାଲିମ ପ୍ରାପ୍ତ ବିଶେଷଜ୍ଞମାନଙ୍କ ସହ ଜଷ୍ଟିସ ବିଶ୍ୱନାଥ ରଥ ଓ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଅରବିନ୍ଦ ପାଢ଼ୀଙ୍କ ସମେତ ୨୨ ଜଣିଆ ଦଳ ଅନୁଧ୍ୟାନ କରୁଛନ୍ତି । ଅପରାହ୍ନ ୨ଟାଠାରୁ ସନ୍ଧ୍ୟା ୬ଟା ପର୍ଯ୍ୟନ୍ତ ସର୍ବେକ୍ଷଣ ପାଇଁ ସମୟ ଧାର୍ଯ୍ୟ କରାଯାଇଛି । ଆସନ୍ତା ସୋମବାର ପର୍ଯ୍ୟନ୍ତ ସର୍ବେକ୍ଷଣ କାର୍ଯ୍ୟ ଚାଲିବ । ରତ୍ନଭଣ୍ଡାର ମରାମତି ହେବ ପୂର୍ବରୁ ସର୍ଭେ ରିପୋର୍ଟ ଆସିବା ସହିତ ରତ୍ନଭଣ୍ଡାର ଭିତରେ ଥିବା ଗୁପ୍ତ କୋଠରୀ ଓ ଗୁପ୍ତ ସୁଡ଼ଙ୍ଗ ରହସ୍ୟ ଜଣାପଡ଼ିବାର ସମ୍ଭାବନା ଅଛି ।

ରାଜ୍ୟ ସରକାରଙ୍କ ଅନୁମୋଦିତ ମାର୍ଗଦର୍ଶିକା ଅନୁସାରେ ଏହି ସର୍ବେକ୍ଷଣ କରାଯାଉଛି । ତେଣୁ ତିନିଦିନ ପାଇଁ ଶ୍ରୀଜୀଉଙ୍କ ନୀତିକାନ୍ତି ଏବଂ ସେବା ପୂଜାରେ ବ୍ୟାଘାତ ନ କରି ନିରୀକ୍ଷଣ ପ୍ରକ୍ରିୟା କରିବା ପାଇଁ ଆବଶ୍ୟକ ସମୟ ଦେବା ଲାଗି ବିଶେଷ ନୀତିନିର୍ଘଣ୍ଟ ପ୍ରସ୍ତୁତ କରାଯାଇଛି । ବିଶେଷ ନୀତିନିର୍ଘଣ୍ଟ ଅନୁସାରେ, ଦିନ ଗୋଟାଏରୁ ନିରୀକ୍ଷଣ କାର୍ଯ୍ୟ ଶେଷ ହେବା ପର୍ଯ୍ୟନ୍ତ ସର୍ବସାଧାରଣ ଦର୍ଶନ ବନ୍ଦ ରହିଛି । ଅପରପକ୍ଷରେ, ଶ୍ରୀମନ୍ଦିରରେ ଆସନ୍ତା ମଙ୍ଗଳବାରଠାରୁ ଦଶହରା ପାଇଁ ଷୋଡଶ ଉପଚାର ପୂଜା ଆରମ୍ଭ ହେବ ।

*HS*

## ମୁଖ୍ୟମନ୍ତ୍ରୀ କେନ୍ଦୁଝର ଜିଲ୍ଲା ଗସ୍ତ

କେନ୍ଦୁଝର ଜିଲ୍ଲାର ବିକାଶ ପାଇଁ ଯଥାସମ୍ଭବ ଚେଷ୍ଟା କରାଯିବ ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି। କେନ୍ଦୁଝର ଜିଲ୍ଲାକୁ ରାଜ୍ୟର ଏକ ଅଗ୍ରଣୀ ଜିଲ୍ଲାରେ ପରିଣତ କରିବା ପାଇଁ ସରକାର ପଦକ୍ଷେପ ନେଉଛନ୍ତି। ଦାରିଦ୍ର୍ୟ ହ୍ରାସ କରିବା ସହିତ ପ୍ରାକୃତିକ ସମ୍ପଦର ସୁବିନିଯୋଗ କରାଯାଇ ଜିଲ୍ଲାର ବିକାଶ ପାଇଁ ପଦକ୍ଷେପ ନିଆଯିବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ସୂଚନାଯୋଗ୍ୟ, ମୁଖ୍ୟମନ୍ତ୍ରୀ ଗତକାଲିଠାରୁ ତିନିଦିନିଆ ଗସ୍ତରେ ଯାଇ କେନ୍ଦୁଝର ଜିଲ୍ଲାରେ ବିଭିନ୍ନ କାର୍ଯ୍ୟକ୍ରମରେ ଯୋଗ ଦେଇଛନ୍ତି।

*Ganjam*

## ବିଶ୍ୱ ବ୍ୟାଙ୍କ ପ୍ରତିନିଧି ଦଳ

ବିଶ୍ୱବ୍ୟାଙ୍କ ପ୍ରତିନିଧି ଦଳ ଗଞ୍ଜାମ ଓ ଗଜପତି ଜିଲ୍ଲାର ବିଭିନ୍ନ ପ୍ରକଳ୍ପକୁ ଆଜି ପରିଦର୍ଶନ କରିଛନ୍ତି। ଗଞ୍ଜାମ ଜିଲ୍ଲାର ଜଗନ୍ନାଥ ପ୍ରସାଦ ବ୍ଲକର ଦଧି ନାଳ, ବଡ଼ଆଗୁଳ ଓ ଦେଉଳବନ୍ଧ ଜଳପ୍ରକଳ୍ପ ପ୍ରଭୃତି ବୁଲି ଦେଖିବା ସହିତ ପାଣି ପଞ୍ଚାୟତର କାର୍ଯ୍ୟକାରିତା ଉପରେ ଆଲୋଚନା କରିଥିବା ଜଣାପଡ଼ିଛି। ଗଜପତି ଜିଲ୍ଲା ମୋହନା ବ୍ଲକ ଅନ୍ତର୍ଗତ ଡାହାଣୀନାଳ ଜଳପ୍ରକଳ୍ପ ଓ ସେରଗଡ଼ ବ୍ଲକର ବେଙ୍ଗେଇ ବନ୍ଧ ପ୍ରକଳ୍ପକୁ ପରିଦର୍ଶନ କରିଥିଲେ।

*Ganjam*

## ଡେଙ୍ଗୁ ଚିହ୍ନଟ

ଗଞ୍ଜାମ ଜିଲ୍ଲାରେ ଡେଙ୍ଗୁ ରୋଗୀଙ୍କ ସଂଖ୍ୟା ବୃଦ୍ଧି ପାଇ ପାଇ ୭୫ ହୋଇଛି। ଚଳିତ ମାସ ୧ ତାରିଖ ସୁଦ୍ଧା ଜିଲ୍ଲାରେ ୫୫ ଜଣ ଡେଙ୍ଗୁ ଆକ୍ରାନ୍ତ ଚିହ୍ନଟ ହୋଇଥିବା ବେଳେ ଗତ ୨୦ ଦିନରେ ଆଉ ୨୦ ଜଣ ଡେଙ୍ଗୁ ରୋଗୀ ଚିହ୍ନଟ ହୋଇଛନ୍ତି। ଜିଲ୍ଲାରେ ମୋଟ୍ ୨ ହଜାର ୩୦୭ ଜଣଙ୍କର ନମୂନା ପରୀକ୍ଷା କରାଯାଇଛି। ସେଥିମଧ୍ୟରୁ ୭୫ ଜଣଙ୍କ ନମୂନାରେ ଡେଙ୍ଗୁ ଭୂତାଣୁ ଥିବା ଜଣାପଡ଼ିଛି। ସେମାନଙ୍କ ମଧ୍ୟରୁ ୪୧ ଜଣ ଅନ୍ୟ ରାଜ୍ୟର ବାସିନ୍ଦା ହୋଇଥିବା ବେଳେ ବାକି ୩୪ ଜଣ ରୋଗୀ ସ୍ଥାନୀୟ ଅଞ୍ଚଳର ବୋଲି ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗ ତରଫରୁ କୁହାଯାଇଛି।

ସେହିଭଳି ଜିଲ୍ଲାରେ ଗତ ୨୦୨୧ ମସିହାରେ ୩୩୩ଟି ରୋଗୀଙ୍କୁ ଡେଙ୍ଗୁ ଆକ୍ରାନ୍ତ କରିଥିବା ବେଳେ ୨୦୨୨ ମସିହାରେ ୧୬୧ ଏବଂ ୨୦୨୩ ମସିହାରେ ୧୭୦ଜଣ ଡେଙ୍ଗୁରେ ଆକ୍ରାନ୍ତ ହୋଇଥିଲେ। ଡେଙ୍ଗୁ ସମ୍ପର୍କରେ ଲୋକଙ୍କୁ ସଚେତନ କରାଯିବା ସହିତ ପରିବେଶକୁ ସଫାସୁତୁରା ରଖିବା ପାଇଁ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସଚେତନତା କରାଯାଉଛି।

*Sonepur*

## ସଦସ୍ୟତା ଅଭିଯାନ

ଭାରତୀୟ ଜନତା ପାର୍ଟି ତରଫରୁ ଚାଲିଥିବା ରାଷ୍ଟ୍ରୀୟ ସଦସ୍ୟତା ଅଭିଯାନରେ ଆଜି ସୁବର୍ଣ୍ଣପୁର ଜିଲ୍ଲାରେ ବାବୁପାଲ୍ଲୀ ଗ୍ରାମରେ ଏକ ସଂଗଠନ ପର୍ବ ଅନୁଷ୍ଠିତ ହୋଇଯାଇଛି। ଦଳର ରାଷ୍ଟ୍ରୀୟ ଉପାଧ୍ୟକ୍ଷ

ବୈଜୟନ୍ତ ପଣ୍ଡା ଏହି କାର୍ଯ୍ୟକ୍ରମରେ ଯୋଗଦେଇ ଜିଲ୍ଲାରେ ଦଳର ସାଂଗଠନିକ ସ୍ଥିତି ନେଇ କର୍ମକର୍ତ୍ତାଙ୍କ ସହ ଆଲୋଚନା କରିଛନ୍ତି। ଏହି କାର୍ଯ୍ୟକ୍ରମରେ ବିଜେପି ମହିଳା ଓ ଯୁବମୋର୍ଚ୍ଚାର କର୍ମକର୍ତ୍ତାମାନେ ଭାଗ ନେଇଥିଲେ।

***Desk***

## ଆତ୍ମସୁରକ୍ଷା କ୍ଲବ ପ୍ରତିଷ୍ଠା

ଉଚ୍ଚଶିକ୍ଷା ବିଭାଗ ଅଧୀନରେ ସମସ୍ତ ସରକାରୀ ବିଶ୍ୱବିଦ୍ୟାଳୟ, ମହାବିଦ୍ୟାଳୟ ଏବଂ ଅନୁଦାନପ୍ରାପ୍ତ ମହାବିଦ୍ୟାଳୟଗୁଡ଼ିକରେ ଆତ୍ମସୁରକ୍ଷା କ୍ଲବ ପ୍ରତିଷ୍ଠା କରାଯିବ। ରାଜ୍ୟର ୧୯୫ଟି ମହାବିଦ୍ୟାଳୟରେ ଗତ ଶିକ୍ଷା ବର୍ଷରେ ଉଚ୍ଚଶିକ୍ଷାନୁଷ୍ଠାନ ଗୁଡ଼ିକରେ ଛାତ୍ରୀମାନଙ୍କୁ ଆତ୍ମସୁରକ୍ଷା ପାଇଁ ତାଲିମ ଦିଆଯାଉଛି। ଉଚ୍ଚଶିକ୍ଷା ବିଭାଗର ନିଷ୍ପତ୍ତି ଅନୁସାରେ ସମସ୍ତ ଉଚ୍ଚଶିକ୍ଷାନୁଷ୍ଠାନ ଗୁଡ଼ିକରେ ଆତ୍ମସୁରକ୍ଷା କ୍ଲବକୁ ସମ୍ପ୍ରସାରଣ କରାଯିବ। ଏଥିପାଇଁ ୬୫୦ରୁ ଊର୍ଦ୍ଧ୍ୱ ଶିକ୍ଷାନୁଷ୍ଠାନକୁ ଚିହ୍ନଟ କରାଯାଇଛି। ସୂଚନାଯୋଗ୍ୟ, ୨୦୧୩ ମସିହାରେ ରାଜ୍ୟ ସରକାରଙ୍କର ଯୁବ ନୀତିରେ ଛାତ୍ରୀଙ୍କ ଆତ୍ମରକ୍ଷା କୌଶଳ ତାଲିମ ଦେବା ପାଇଁ ଏହି ବ୍ୟବସ୍ଥା ହୋଇଥିଲା।

***Nayagarh***

## ଆଇନ ସଚେତନତା କାର୍ଯ୍ୟକ୍ରମ

ନୟାଗଡ଼ ଜିଲ୍ଲାର ପୁଲିସ ପ୍ରଶିକ୍ଷଣ କେନ୍ଦ୍ରରେ ଏକ ଆଇନ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏସିଡ୍ ଆକ୍ରମଣରେ ପୀଡ଼ିତଙ୍କୁ ସହାୟତା, କ୍ଷତିପୂରଣ ଏବଂ ପ୍ରବାସୀ ଶ୍ରମିକଙ୍କ ସମସ୍ୟାର

ସମାଧାନ ନେଇ ଆଲେଚନା ହୋଇଥିଲା । ବରିଷ୍ଠ ଦେଓ୍ୱାନୀ ବିଚାରପତି ସତ୍ୟବ୍ରତ ରଣା, ବିଚାରପତି ମାନସ କୁମାର ପଣ୍ଡା ଏବଂ ପରିବାର ଅଦାଲତର ବିଚାରପତି ସୁବ୍ରତ କୁମାର ପଟ୍ଟନାୟକ ପ୍ରମୁଖ ଏହି ସଚେତନତା କାର୍ଯ୍ୟକ୍ରମରେ ଯୋଗଦେଇ ଆଇନର ବିଭିନ୍ନ ଦିଗରେ ଉପରେ ମତବ୍ୟକ୍ତ କରିଥିଲେ ।

***Desk***

## ଯକ୍ଷ୍ମା ନିରାକରଣ

୨୦୨୫ ମସିହା ସୁଦ୍ଧା ଦେଶକୁ ଯକ୍ଷ୍ମାମୁକ୍ତ କରିବା ପାଇଁ  କେନ୍ଦ୍ର ସରକାର ଲକ୍ଷ୍ୟ ରଖିଛନ୍ତି । ପୂର୍ବରୁ ଶିଶୁମାନଙ୍କୁ ଯକ୍ଷ୍ମା ପ୍ରତିରୋଧକ ବିସିଜି ଟୀକା ଦିଆଯାଉଥିଲା । କେନ୍ଦ୍ର ସରକାରଙ୍କର ନିଷ୍ପତ୍ତି ଅନୁସାରେ ବୟସ୍କ ଲୋକମାନଙ୍କୁ ମଧ୍ୟ ସ୍ୱତନ୍ତ୍ର ଟୀକାକରଣ ଶିବିରରେ ବିସିଜି ଟୀକା ଦିଆଯିବ । ଏଥିପାଇଁ ଆଜିଠାରୁ ରାଜ୍ୟରେ ୧୫ଟି ଜିଲ୍ଲାରେ ଯକ୍ଷ୍ମା ନିୟନ୍ତ୍ରଣ ପାଇଁ ବିସିଜି ଟୀକା ଦିଆଯାଉଛି । ସ୍ୱସ୍ଥ୍ୟ ବିଭାଗ ପକ୍ଷରୁ ମିଳିଥିବା ସୂଚନା ଅନୁସାରେ ବର୍ତ୍ତମାନ ୬୦ ବର୍ଷରୁ ଊର୍ଦ୍ଧ୍ୱ ବୟସ୍କମାନେ ମଧ୍ୟ ସ୍ୱତନ୍ତ୍ର ଟିକାକରଣ ଶିବିରରେ ଟିକା ନେଇପାରିବେ ।

***I&PR***

## ସ୍କ୍ରବ୍ ଟାଇଫସ୍

ସ୍କ୍ରବ ଟାଇଫସ୍ ସଂକ୍ରମଣକୁ ରୋକିବା ପାଇଁ ରାଜ୍ୟ ସରକାର ବିଭିନ୍ନ ପଦକ୍ଷେପ ନେଉଛନ୍ତି । ରାଜ୍ୟ ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶକ ଡାକ୍ତର ନୀଳକଣ୍ଠ ମିଶ୍ର

ଏବଂ ସ୍ୱାସ୍ଥ୍ୟସେବା ନିର୍ଦ୍ଦେଶକ ଡାକ୍ତର ବିଜୟ କୁମାର ମହାପାତ୍ରଙ୍କ ଯୁଗ୍ମ ଅଧ୍ୟକ୍ଷତାରେ ଆଭାସୀ ମାଧ୍ୟମରେ ଜିଲ୍ଲା ସ୍ୱାସ୍ଥ୍ୟ ଅଧିକାରୀମାନଙ୍କ ସହ ସ୍କ୍ରବ୍ ଟାଇପସ୍ ରୋଗ ନେଇ ସମୀକ୍ଷା ବୈଠକ ହୋଇଛି । ବୈଠକରେ ସ୍କ୍ରବ୍ ଟାଇଫସ୍ ରୋଗ ନେଇ ଜନ ସଚେତନତାକୁ ବ୍ୟାପକ କରିବା ସହ ତ୍ୱରିତ ପଦକ୍ଷେପ ଗ୍ରହଣ କରିବାକୁ ନିର୍ଦ୍ଦେଶ ଦିଆଯାଇଛି । ସୂଚନା ଅନୁସାରେ ଏକପ୍ରକାର କୀଟ କାମୁଡ଼ିବା ଯୋଗୁଁ ସ୍କ୍ରବ୍ ଟାଇଫସ୍ ରୋଗ ହୋଇଥାଏ । ଜ୍ୱର, ମୁଣ୍ଡବିନ୍ଧା, ଶରୀର ପୀଡ଼ା ଆଦି ଏହି ରୋଗର ଲକ୍ଷଣ । ଏହିସବୁ ଲକ୍ଷଣ ଦେଖାଗଲେ ଜିଲ୍ଲା ଜନସ୍ୱାସ୍ଥ୍ୟ ପରୀକ୍ଷାଗାରଗୁଡ଼ିକରେ ଏଲିସା ପଦ୍ଧତିଦ୍ୱାରା ରକ୍ତପରୀକ୍ଷା କରିବାକୁ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ପରାମର୍ଶ ଦିଆଯାଇଛି ।

***DHNKL***

## ସୁଭଦ୍ରା ଯୋଜନା

ଢେଙ୍କାନାଳ ଜିଲ୍ଲାରେ ସୁଭଦ୍ରା ଯୋଜନାରେ ଆଜି ସୁଦ୍ଧା ୫ ଲକ୍ଷରୁ ଅଧିକ ଆବେଦନପତ୍ର ବଣ୍ଟନ କରାଯାଇଥିବା ବେଳେ ୨ ଲକ୍ଷ ୮୦ ହଜାରରୁ ଊର୍ଦ୍ଧ୍ୱ ମହିଳା ହିତାଧିକାରୀ ସୁଭଦ୍ରା ଯୋଜନାରୁ ଲାଭ ପାଇବା ପାଇଁ ଆବେଦନ କରିଛନ୍ତି । ଜିଲ୍ଲା ପ୍ରଶାସନର ସୂଚନା ଅନୁସାରେ, ଜିଲ୍ଲାର ୭ଟି ବ୍ଲକର ୫୨ଟି ପଞ୍ଚାୟତରେ ବସବାସ କରୁଥିବା ୩ ହଜାରରୁ ଅଧିକ ଜୁଆଙ୍ଗ ଆଦିବାସୀମାନେ ପ୍ରଧାନମନ୍ତ୍ରୀ ଜନମନ ଯୋଜନାରୁ ଉପକୃତ ହେଉଛନ୍ତି ।

*Nayagarh*

## ସ୍ୱଚ୍ଛତା ଅଭିଯାନ

ନୟାଗଡ଼ ପୌରପରିଷଦ ଆନୁକୂଲ୍ୟରେ ସ୍ୱଚ୍ଛତା ହିଁ ସେବା କାର୍ଯ୍ୟକ୍ରମ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲାପାଳ ଅକ୍ଷୟ ସୁନୀଲ ଅଗ୍ରୱାଲ ଏହି କାର୍ଯ୍ୟକ୍ରମରେ ସାମିଲ ହୋଇ ଚାରାରୋପଣ କରିବା ସହିତ 'ଏକ ପେଡ଼ ମା' କେ ନାମ' କାର୍ଯ୍ୟକ୍ରମରେ ଅଧିକରୁ ଅଧିକ ଚାରାରୋପଣ ପାଇଁ ଲୋକମାନଙ୍କୁ ସଚେତନ କରାଇଥିଲେ ।

*Desk*

## ଦୁଇ ଓଡ଼ିଆ ଛାତ୍ର ପୁରସ୍କାର

କେନ୍ଦ୍ର ବିଜ୍ଞାନ ଓ କାରିଗର ମନ୍ତ୍ରଣାଳୟର ଇନ୍‌ସ୍ପାୟାର- ମାନକ କାର୍ଯ୍ୟକ୍ରମ ଅନ୍ତର୍ଗତ ଜାତୀୟ ପ୍ରଦର୍ଶନୀ ଏବଂ ପ୍ରକଳ୍ପ ପ୍ରତିଯୋଗିତା– ଏନ୍.ଏଲ୍.ଇ.ପି.ସି.-୨୦୨୪ରେ ନୂଆଦିଲ୍ଲୀର ସ୍ଥାନୀୟ ବିଜ୍ଞାନ ଭବନଠାରେ ଦୁଇ ଓଡ଼ିଆ ଛାତ୍ରଙ୍କ ସମେତ ଦେଶର ୨୮ ଜଣ ଛାତ୍ରଛାତ୍ରୀ ପୁରସ୍କୃତ ହୋଇଛନ୍ତି । ପୁରସ୍କୃତ ହୋଇଥିବା ଦୁଇ ଓଡ଼ିଆ ଛାତ୍ର ହେଲେ ଭୁବନେଶ୍ୱର ସ୍ଥିତ କେନ୍ଦ୍ରୀୟ ବିଦ୍ୟାଳୟ- ଦୁଇର ସପ୍ତମ ଶ୍ରେଣୀ ଛାତ୍ର ଶ୍ରଭ୍ୟ ମିଶ୍ର ଏବଂ ଜଗତସିଂହପୁର ଜିଲ୍ଲା ମାଝୀକେରା ପ୍ରକଳ୍ପ ବିଦ୍ୟାଳୟର ସପ୍ତମ ଶ୍ରେଣୀ ଛାତ୍ର ସୌମ୍ୟରଞ୍ଜନ ସାହୁ ।

*Desk*

# ପାଣିପାଗ

ଉତ୍ତର-ପଶ୍ଚିମ ଏବଂ ତତ୍‌ସଂଲଗ୍ନ ପଶ୍ଚିମ-କେନ୍ଦ୍ରୀୟ ବଙ୍ଗୋପସାଗରରେ ଆସନ୍ତା ସୋମବାର ସୁଦ୍ଧା ଆଉ ଏକ ଲଘୁଚାପ କ୍ଷେତ୍ର ସୃଷ୍ଟି ହେବାର ସମ୍ଭାବନା ରହିଛି। ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ରର ସୂଚନା ଅନୁସାରେ, ଲଘୁଚାପର ପ୍ରଭାବରେ ରାଜ୍ୟରେ ଆସନ୍ତା ୪ ଦିନ ପର୍ଯ୍ୟନ୍ତ ବର୍ଷା ହେବାର ସମ୍ଭାବନା ରହିଛି। ଆସନ୍ତା ୨୪ ଘଣ୍ଟା ମଧ୍ୟରେ ଘଡଘଡ଼ି ସହ ବର୍ଷା ହେବା ନେଇ ୧୩ଟି ଜିଲ୍ଲାପାଇଁ ସତର୍କ ସୂଚନା ଜାରି କରାଯାଇଛି।

*Desk*

# କନିଷ୍ଠ ଶିକ୍ଷକ ନିଯୁକ୍ତି

ରାଜ୍ୟର ୧୬ ହଜାରରୁ ଅଧିକ କନିଷ୍ଠ ଶିକ୍ଷକଙ୍କୁ ନିଯୁକ୍ତି ଦିଆଯିବ । ଆସନ୍ତାମାସ ଦ୍ୱିତୀୟ ସପ୍ତାହରେ ଭୁବନେଶ୍ୱର କଳିଙ୍ଗ ଷ୍ଟାଡିୟମ୍‌ଠାରେ ଆୟୋଜିତ ସ୍ୱତନ୍ତ୍ର ସମାରୋହରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ନବନିଯୁକ୍ତ ଶିକ୍ଷକମାନଙ୍କୁ ନିଯୁକ୍ତିପତ୍ର ବାଣ୍ଟିବାର କାର୍ଯ୍ୟକ୍ରମ ରହିଛି । ଓଡ଼ିଶା ରାଜ୍ୟ ବିଦ୍ୟାଳୟ କାର୍ଯ୍ୟକ୍ରମ ପ୍ରାଧିକରଣ - ଓସେପା ପକ୍ଷରୁ କନିଷ୍ଠ ଶିକ୍ଷକଙ୍କ ନିଯୁକ୍ତି ପରୀକ୍ଷା ଅନୁଷ୍ଠିତ ହୋଇଥିଲା । ଏଥିପାଇଁ ଗତ ଅଗଷ୍ଟ ମାସରେ କାଉନସେଲିଂ ପ୍ରକ୍ରିୟା ଶେଷ ହୋଇଛି ।

*****